# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**27 January - 2025**

**News Editor : *Itishree Singh Rathaur***

********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ର ନିର୍ମାଣରେ ଏନ୍‌ସିସି ଯୁବବର୍ଗଙ୍କୁ ସଶକ୍ତ କରିବାର ମାଧ୍ୟମ; ଏନ୍‌ସିସି ର୍‌ୟାଲୀକୁ ସମ୍ବୋଧନ କରି କହିଲେ ପ୍ରଧାନମନ୍ତ୍ରୀ

- ଭୁବନେଶ୍ୱରରେ ଆସନ୍ତାକାଲିଠାରୁ ଆରମ୍ଭ ହେବ 'ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ'; ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

- କଟକ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ପୁର୍ନବିକାଶ ପାଇଁ ୮୬ କୋଟି ୯୧ ଲକ୍ଷ ଟଙ୍କା ମଞ୍ଜୁର

- ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମଧୁସୂଦନ ପାଢ଼ି ରାଜ୍ୟର ନୂତନ ନିର୍ବାଚନ କମିଶନର ନିଯୁକ୍ତ

ଏବଂ

- ହକି ଇଣ୍ଡିଆ ଲିଗ୍ ପୁରୁଷବର୍ଗରେ ବେଙ୍ଗଲ ଟାଇଗର୍ସ ଓ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମୁକାବିଲା ଜାରି

*Desk*

## ପ୍ରଧାନମନ୍ତ୍ରୀ- ଏନ୍‌ସିସି ସମ୍ବୋଧନ

ରାଷ୍ଟ୍ର ଗଠନରେ ଏନ୍.ସି.ସି. ଯୁବବର୍ଗଙ୍କୁ ସଶକ୍ତ କରିବାର ମାଧ୍ୟମ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀର କରିଆପ୍ପା ପରେଡ୍ ଗ୍ରାଉଣ୍ଡରେ ବାର୍ଷିକ ଏନ୍‌ସିସି ର୍ୟାଲୀକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏନ୍‌ସିସି କ୍ୟାଡେ଼ଟମାନେ ଆଜି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ହେଉ କିମ୍ବା କ୍ରୀଡ଼ା ହେଉ ସବୁ କ୍ଷେତ୍ରରେ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି। ୨୦୧୪ ମସିହାରେ ଦେଶରେ ୧୪ ଲକ୍ଷ କ୍ୟାଡେଟ୍ ଥିଲେ, ଆଜି ୮ ଲକ୍ଷ ମହିଳା କ୍ୟାଡେଟଙ୍କ ସମେତ ପ୍ରାୟ ୨୦ ଲକ୍ଷ କ୍ୟାଡେଟ୍ ଅଛନ୍ତି। ଭାରତର ଯୁବଶକ୍ତି ବିଭିନ୍ନ କ୍ଷେତ୍ରରେ ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# - V/O -

ସୂଚନା ଅନୁସାରେ 'ଯୁବଶକ୍ତି ବିକଶିତ ଭାରତ' ବିଷୟବସ୍ତୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୮୦୦ରୁ ଅଧିକ ଏନ୍‌ସିସି କ୍ୟାଡେଟ୍ ଅଂଶଗ୍ରହଣ କରିଛନ୍ତି। ସେହିଭଳି ପ୍ରାୟ ୧୮ଟି ଦେଶର ୧୫୦ରୁ ଅଧିକ କ୍ୟାଡେଟ୍ ଏଥିରେ ସାମିଲ ହୋଇଛନ୍ତି।

***BBSR/R***

## ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ

ଭୁବନେଶ୍ୱର ଜନତା ମଇଦାନରେ ଦୁଇଦିନିଆ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀ ଆସନ୍ତାକାଲିଠାରୁ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ସମ୍ମିଳନୀରେ ୨୦ଟି ଦେଶରୁ ୭ ହଜାର ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧିମାନେ ଯୋଗଦେବା ସହ ୧୦୦ରୁ ଅଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

ଓଡ଼ିଶା ଆଗାମୀ ଦିନରେ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟରେ ପରିଣତ ହେବ ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ସେ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ 'ଭାରତ ମାନଚିତ୍ରରେ ଓଡ଼ିଶା' ଶିଳ୍ପ ପେଣ୍ଠସ୍ଥଳି ହେବ। ଏହି ସମ୍ମିଳନୀ ଦ୍ୱାରା ରାଜ୍ୟରେ ପ୍ରାୟ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ।

ସମ୍ମିଳନୀରେ ୪ଟି ଅଧିବେଶନରେ ଷ୍ଟାର୍ଟଅପ୍ ଓଡ଼ିଶା, ସ୍କିଲ୍ ଇନ୍ ଓଡ଼ିଶା ଆଦି ବିଷୟରେ ଆଲୋଚନା କରାଯିବ। ଦୁଇଦିନିଆ ସମ୍ମିଳନୀ ପରେ ସାଧାରଣ ଜନତାଙ୍କ ପାଇଁ ୩୦ ତାରିଖ ଦିନ ପ୍ରଦର୍ଶନୀ ଖୋଲା ରହିବ ବୋଲି ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୭ ମାସ ମଧ୍ୟରେ ରାଜ୍ୟ ସରକାର ୨ ଲକ୍ଷ ୭୫ ହଜାର କୋଟି ଟଙ୍କା ମୂଲ୍ୟର ୧୫୯ଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ପ୍ରାୟ ୨ ଲକ୍ଷ ୧୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

*1BBSR/R*

## ମନ୍ତ୍ରି ପରିଷଦ ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟ ମନ୍ତ୍ରି ପରିଷଦ ବୈଠକ ଜାରି ରହିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବାର ସମ୍ଭାବନା ଅଛି । ଆସନ୍ତାକାଲିଠାରୁ ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଆରମ୍ଭ ହେବାକୁ ଥିବା ବେଳେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଉଥିବା ସୂଚନା ଆମ ସମ୍ବାଦଦାତା ଜଣାଇଛନ୍ତି ।

*PR*

## ଧର୍ମେନ୍ଦ୍ର ପ୍ରଧାନ- ଷ୍ଟାର୍ସ ପ୍ରକଳ୍ପ

କଟକ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର ପୁନଃବିକାଶ ପାଇଁ ଶିକ୍ଷା ମନ୍ତ୍ରଣାଳୟର ଷ୍ଟାର୍ସ ପ୍ରକଳ୍ପ ଅଧୀନରେ ୮୬ କୋଟି ୯୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ହାଇସ୍କୁଲର ବିକାଶ କରାଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏହି ପ୍ରକଳ୍ପ ଅଧୀନରେ ନୂଆ ସ୍କୁଲ ଭବନ ପାଇଁ ୧୪ କୋଟି, ଇଣ୍ଡୋର ଷ୍ଟାଡିୟମ କିମ୍ବା ବହୁମୁଖୀ ସଭାଗୃହ ପାଇଁ ୧୦ କୋଟି, ନୂତନ ହଷ୍ଟେଲ ଓ ପ୍ରାଇମେରୀ ସ୍କୁଲ ଘର ନିର୍ମାଣ ପାଇଁ ପ୍ରାୟ ୨୬ କୋଟି ଖର୍ଚ୍ଚ କରାଯିବ । ସେହିପରି ବିଦ୍ୟାଳୟ ଚର୍ତୁପାର୍ଶ୍ୱର ବିକାଶ, ସାଇକେଲ ଷ୍ଟାଣ୍ଡ ଓ ଆନୁଷଙ୍ଗିକ ବିକାଶ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯିବ ।

ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟ ମାସ ୩୧ ତାରିଖରେ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ପାଇଁ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ କଟକ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

***BBSR/R***

## ନୂତନ ନିର୍ବାଚନ କମିଶନର ନିଯୁକ୍ତି

ରାଜ୍ୟ ସରକାର ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ମଧୁସୂଦନ ପାଢ଼ିଙ୍କୁ ରାଜ୍ୟର ନୂତନ ନିର୍ବାଚନ କମିଶନର ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିଭଳି ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ତଥା ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ପ୍ରକାଶ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ନିଯୁକ୍ତି ମିଳିଛି। ଶ୍ରୀ ମିଶ୍ରଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ପ୍ରଦାନ କରାଯାଇଛି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି।

***I&PR***

## ଜୀବନଦର୍ଶନ କାର୍ଯ୍ୟକ୍ରମ

ଉତ୍ତର-ପୂର୍ବାଞ୍ଚଳ ୭ଟି ରାଜ୍ୟର ଛାତ୍ର ପ୍ରତିନିଧି ଆଜି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ସହ ସାକ୍ଷାତ କରିଛନ୍ତି। ଅନ୍ତଃରାଜ୍ୟ ଛାତ୍ର ଜୀବନଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶା ଭ୍ରମଣରେ ଆସିଥିବା ଛାତ୍ରଛାତ୍ରୀମାନଙ୍କ ସହ ଅଭିଷେକ ହଲଠାରେ ରାଜ୍ୟପାଳ ଭାବବିନିମୟ କରିଥିଲେ।

*HS*

## ଯୋଗାଣ- ଇ-କେଓ୍ୱାଇସି

ରାଜ୍ୟରେ ଏ ପର୍ଯ୍ୟନ୍ତ ୪୦ ଲକ୍ଷ ୪୦ ହଜାର ୮୬୪ ଜଣ ହିତାଧିକାରୀ ଇ-କେଓ୍ୱାଇସି କରିନଥିବା ଯୋଗାଣ ମନ୍ତ୍ରୀ  କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଏ ପର୍ଯ୍ୟନ୍ତ ୮୮ ପ୍ରତିଶତ ହିତାଧିକାରୀ ଇ-କେଓ୍ୱାଇସି କରିସାରିଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ମୋଟ ୩ କୋଟି ୩୫ ଲକ୍ଷ ୫୭୦ ଜଣ ହିତାଧିକାରୀଙ୍କ ମଧ୍ୟରୁ ୨ କୋଟି ୯୫ ଲକ୍ଷ ୮୯ ହଜାର ୯୧୨ ଜଣ ହିତାଧିକାରୀ ଇ-କେଓ୍ୱାଇସି କରିଛନ୍ତି । ରାଜ୍ୟରେ ୨ କୋଟି ୯୪ ଲକ୍ଷ ୫୯ ହଜାର ୮୮୬ ଇ-କେଓ୍ୱାଇସି ଏବଂ ରାଜ୍ୟ ବାହାରୁ ୧ ଲକ୍ଷ ୩୦ ହଜାର ୨୬ ଜଣ ଇ-କେଓ୍ୱାଇସି କରିଛନ୍ତି । ଆସନ୍ତା ୩୧ ତାରିଖ ସୁଦ୍ଧା ଇ-କେଓ୍ୱାଇସି ଯାଞ୍ଚ ପ୍ରକ୍ରିୟା ଶେଷ ହେବ।

*Ganjam*

## ବେଳାଭୂମି ମହୋତ୍ସବ

ଗୋପାଳପୁର ବେଳାଭୂମି ମହୋତ୍ସବ ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବ ବୋଲି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ତିନିଦିନିଆ ମେଳାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ ହେବ। ଚଳିତ ବର୍ଷ ଓରମାସ୍ ପକ୍ଷରୁ ୩୦୦ ଷ୍ଟଲ୍‌ର ବ୍ୟବସ୍ଥା କରାଯାଇଛି। ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବାଲୁକା କଳା ଆଦି ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।

*Ganjam/Nayagarh/Gajapati/BHK/Sonepur*

# ଯୁଗ୍ମ ଜନଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୁଗ୍ମ ଜନଅଭିଯୋଗ ଶୁଣାଣିରେ ୬୦ଟି ବ୍ୟକ୍ତିଗତ ଅଭିଯୋଗ ଓ ୭ଟି ସାମୂହିକ ଗ୍ରାମ ବିବାଦର ଶୁଣାଣି ହୋଇ ୩୫ଟି ମାମଲାର ତତ୍କାଳ ସମାଧାନ କରାଯାଇଥିଲା ।

ସେହିପରି ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅଲଡ଼ା ଗ୍ରାମ ପଞ୍ଚାୟତରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ୪୬ଟି ଅଭିଯୋଗର ଶୁଣାଣି କରାଯାଇ ଗୋଟିଏ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ।

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରଠାରେ ଅନୁଷ୍ଠିତ ଶିବିରରେ ଅଣାନବେଟି ଅଭିଯୋଗର ଶୁଣାଣି କରାଯାଇ ଜିଲ୍ଲାପାଳ ୮ଟି ଅଭିଯୋଗର ତ୍ୱରିତ ଫଇସଲା କରିଥିଲେ ।

ଭଦ୍ରକଠାରେ ଜିଲ୍ଲାପାଳ ୭୨ଟି ମାମଲାର ଶୁଣାଣି କରି ୫ ଜଣଙ୍କୁ ୧୯ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି ।

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣିରେ ୪୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

କଳାହାଣ୍ଡି ଜିଲ୍ଲା କେସିଙ୍ଗଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ୩୬ଟି ଆପତ୍ତି ଅଭିଯୋଗର ଶୁଣାଣି କରାଯାଇ ୧୦ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ।

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପଞ୍ଚାୟତରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ ।

***Desk***

## ହକି

ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗରେ ଆଜି ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ଠାରେ ବେଙ୍ଗଲ ଟାଇଗର୍ସ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମ୍ୟାଚ୍ ଜାରି ରହିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଦିଲ୍ଲୀ ଏସ୍.ଜି. ପାଇପର୍ସ ଗୋଟିଏ ଗୋଲ ସ୍କୋର କରିଛି । ରାତି ୮ଟା ୧୫ ମିନିଟ୍‌ରେ ସୁର୍‌ମା ହକି କ୍ଲବ ଏବଂ କଳିଙ୍ଗ ଲାନ୍‌ସର୍ସ ମଧରେ ମ୍ୟାଚ୍ ଖେଳାଯିବ ।

***Desk***

## ଡଲଫିନ୍ ଗଣନା

ଗହୀରମଥା ଓ ଭିତରକନିକାରେ ଆଜିଠାରୁ ଡଲଫିନ୍ ଗଣନା ଆରମ୍ଭ ହୋଇଛି । କେନ୍ଦ୍ରାପଡ଼ା ରାଜନଗର ବନଖଣ୍ଡ ଧାମରା ମୁହାଁଣରୁ ଦେବୀ ମୁହାଁଣ ସମୁଦ୍ର ଏବଂ ଭିତରକନିକାରେ ଥିବା ନଦୀନାଳ ଗୁଡ଼ିକରେ ଡଲଫିନ୍ ଗଣନା କରାଯାଉଛି । ଆଜିକୁ ମିଶାଇ ୩ ଦିନ ପର୍ଯ୍ୟନ୍ତ ଡଲଫିନ୍ ଗଣନା ଜାରି ରହିବ ବୋଲି ସୂଚନା ମିଳିଛି ।

# ପାଣିପାଗ

ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ଆସନ୍ତା ତିନି ଦିନ ପର୍ଯ୍ୟନ୍ତ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡ଼ି ହେବା ନେଇ ୧୦ଟି ଜିଲ୍ଲା କେନ୍ଦୁଝର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୁଳ, କଟକ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତିକୁ ସତର୍କ ସୂଚନା ଜାରି କରାଯାଇଛି।

********************************